# ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଶ୍ରମିକଙ୍କ କାର୍ଯ୍ୟ ବନ୍ଦ

କୋରାପୁଟ,୬।୪(ଅମିତାଭ ବେହେରା)

କୋରାପୁଟ ଜିଲାରେ ଦିନକୁ ଦିନ ପ୍ରବଳ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଭି. କୀର୍ତ୍ତି ଭାସନ ଗ୍ରୀଷ୍ମପ୍ରବାହ ଉପରେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜିଲାପାଳ କହିଲେ, ଏବେ ଜିଲାର ଦୈନିକ ତାପମାତ୍ରା ୩୬ରୁ ୪୦ ଡିଗ୍ରୀ ମଧ୍ୟରେ ରହୁଛି। ଏହାକୁ ଦୃଷ୍ଟିରେ ରଖି ଜିଲାର ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟାଯାଏ ସମସ୍ତ ଶ୍ରମିକଙ୍କ ଶ୍ରମଜନିତ କାର୍ଯ୍ୟ ବନ୍ଦ ରଖିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ଜିଲାପାଳ କହିଥିଲେ। ସେହିପରି ଲୋକମାନଙ୍କୁ ଉପରୋକ୍ତ ସମୟରେ କେବଳ ଜରୁରୀ କାମ ଥିଲେ ପଦାକୁ ବାହାରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ବିଦ୍ୟାଳୟରେ ଆବଶ୍ୟକ ପରିମାଣରେ ଓଆର୍‌ଏସ୍ ପାଉଚ ଓ ପାନୀୟ ଜଳ ମହଜୁଦ ରଖିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି । ସେହିପରି ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜଳ ବିତରଣ କେନ୍ଦ୍ରମାନ ଖୋଲାଯିବା ନେଇ ବିଡିଓ ଏବଂ ନିର୍ବାହୀ ଅଧିକାରୀମାନଙ୍କୁ କୁହାଯାଇଥିବା ଜିଲାପାଳ କହିଥିଲେ। ଜିଲାରେ ପାନୀୟ ଜଳ ସମସ୍ୟାଜନିତ କୌଣସି ସମସ୍ୟା ଥିଲେ ଏବଂ କୌଣସି ସ୍ଥାନରେ ଅଂଶୁଘାତଜନିତ ସୂଚନା ପାଇଲେ ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୦୭୭ ନଚେତ୍ ଜିଲା ସଦର ମହକୁମାରେ ଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ (ନଂ. ୭୬୫୫୦୪୪୦୦୦)କୁ ଜଣାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଜିଲାରେ ଥିବା ବିଭିନ୍ନ ଜଳଛତ୍ର ଠିକ୍ ଭାବେ ପରିଚାଳିତ ହେଉଛି କି ନାହିଁ ଏବଂ କୌଣସି ସ୍ଥାନରେ ଦିନରେ ଶ୍ରମ କାର୍ଯ୍ୟ ହେଉଛି କି ନାହିଁ ସେ ଉପରେ ତଦାରଖ କରିବା ଲାଗି ଜିଲା ଶ୍ରମ ଅଧିକାରୀ, ବିଡିଓ, ତହସିଲଦାରମାନଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ କରାଯାଇଛି। ସେହିପରି ଆଗାମୀ ଦିନରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହାକୁ ନଜରକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବୈଠକ ଓ ସଭା କରାଗଲେ ସେହି ଅନୁସାରେ ଆବଶ୍ୟକ ପିଇବା ପାଣି, ଓଆର୍‌ଏସ୍ ପାଉଚ ଜରୁରୀ ଭାବେ ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ସମସ୍ତ ଯାତ୍ରୀବାହୀ ବସ୍‌ରେ

**ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଜିଲା ପ୍ରଶାସନର ବୈଠକ**

- ୬ଟା୩୦ରୁ ୧୦ଟା ୩୦ ଯାଏ ଚାଲିବ ଶିକ୍ଷା ଅନୁଷ୍ଠାନ
- ଘରୁ ବାହାରିଲେ ଛତା, ପାଣି ବୋତଲ ନେବାକୁ ପରାମର୍ଶ
- ତଦାରଖ ପାଇଁ ଗଠିତ ହୋଇଛି ବିଭିନ୍ନ ଟିମ୍

ମଧ୍ୟ ଆବଶ୍ୟକ ପିଇବା ପାଣି ଏବଂ ଓଆର୍‌ଏସ୍ ଗଚ୍ଛିତ ରଖିବାକୁ ପରାମର୍ଶ ଦିଆଯାଇଛି। ଜନସାଧାରଣ ଅତି ଜରୁରୀ କାର୍ଯ୍ୟ ନିମନ୍ତେ ଖରାରେ ବାହାରକୁ ଯିବା ବେଳେ ମୁଣ୍ଡରେ ଓଦା ଗାମୁଛା, ଛତା, ଚପଲ ଓ ପାଣି ବୋତଲ ନେଇ ଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଜିଲା ଜରୁରୀ ଅଧିକାରୀ ସନ୍ତୋଷ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଉପସ୍ଥିତ ଥିଲେ ।

## ଆନ୍ଧ୍ରର ରୟାଲ୍ଟିବିହୀନ ବାଲି ଉଠାଣ ନେଇ ପ୍ରଶ୍ନ ଉଠାଇଲା ଏନ୍‌ଜିଟି

ନନ୍ଦପୁର, ୬।୪ (ଶଙ୍କର ପୂଜାରୀ)

ଆନ୍ଧ୍ର ପ୍ରଦେଶର ଗ୍ରାମାଞ୍ଚଳର ବିଭିନ୍ନ ନଦୀଘାଟରୁ ବାଲି ଉଠାଣ ପାଇଁ ରୟାଲ୍ଟି ଆଦାୟ ହେଉ ନ ଥିବା ଏବଂ ଗ୍ରାମୀଣ ବିକାଶ ଓ ସ୍ଥାନୀୟ ଲୋକଙ୍କୁ କର୍ମନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଆନ୍ଧ୍ର ସରକାର ଏଭଳି ବ୍ୟବସ୍ଥା କରିଥିବା ଆନ୍ଧ୍ର ରାଜସ୍ୱ ଓ ଖଣିଜ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ନନ୍ଦପୁର ବ୍ଲକ ସୀମାନ୍ତ ପାଡ଼ୁଲୁଙ୍ଗ ପଞ୍ଚାୟତ ଦେଇ ପ୍ରବାହିତ ମାଛକୁଣ୍ଡ ନଦୀରୁ କିଭଳି ବେଆଇନ ଭାବେ ଆନ୍ଧ୍ର ବାଲି ଉଠାଇ ଟ୍ରକ୍ ଯୋଗେ ଚାଲାଣ କରୁଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବାଲି ଗାଡ଼ି ଧରାପଡିଲେ ଏହାକୁ ଅଟକାଇ ଜରିମାନା ଆଦାୟ କରାଯାଉଥିବା ବେଳେ ଆନ୍ଧ୍ର ରାଜସ୍ୱ ଓ ଖଣିଜ ବିଭାଗ ଏ ଦିଗରେ ଚୁପ୍ ରହୁଛନ୍ତି ବୋଲି କେନ୍ଦ୍ରୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ପରିବେଶ ମଞ୍ଜୁରୀ ଓ ପ୍ରଦୂଷଣ ବୋର୍ଡର ନିୟମ ସବୁ ରାଜ୍ୟ ପାଇଁ ସମାନ। ମାତ୍ର ଆନ୍ଧ୍ର ସରକାର ଏହା କିଭଳି ପାଳନ କରୁନାହାନ୍ତି ବୋଲି ତଦନ୍ତ ପାଇଁ ଆସିଥିବା ଏନ୍‌ଜିଟିର କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଚେନ୍ନାଇର ସୌମ୍ୟା ଡି, କଲିକତାରୁ ଆସିଥିବା ସନ୍ଦୀପ ରାୟ ଓ କୋରାପୁଟ ଭୂତତ୍ତ୍ୱବିଦ୍ କ୍ୟୁଜେ ଖାନ ପ୍ରଶ୍ନ ଉଠାଇଛନ୍ତି।

## ଟିକେଟ ନ ପାଇବାରୁ କ୍ଷୋଭ ପ୍ରକାଶକଲେ ପିତମ ପାଢ଼ୀ

ସୁନାବେଡ଼ା/ସେମିଳିଗୁଡ଼ା, ୬।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ଖବରଦାତା ସମ୍ମିଳନୀରେ ରଖିଲେ ମତ**



ଖବରଦାତା ସମ୍ମିଳନୀରେ ବିଧାୟକ ପିତମ ପାଢୀ ସୂଚନା ଦେଉଛନ୍ତି।

ସାଧାରଣ ନିର୍ବାଚନ ବେଳ ଯେତିକି ପାଖେଇ ଆସୁଛି ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ସେତିକି ସରଗରମ ହୋଇଉଠୁଛି। କିଛିଦିନ ତଳେ ଭାଜପା,ବିଜେଡି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ମାତ୍ର ବିଜେଡି ଏଠାରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଦଳୀୟ ଟିକେଟ ଦେଇଛି। ଏନେଇ ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା ଗତ ଥରର ବିଧାୟକ ପିତମ ପାଢ଼ୀ ଶନିବାର ସେମିଳିଗୁଡ଼ା ପ୍ରେସ୍ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ନିଜ କ୍ଷୋଭ ପ୍ରକାଶ କରିଛନ୍ତି। ପାଢ଼ୀ କହିଛନ୍ତି, ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇଥିଲା। ହେଲେ ସେତେବେଳେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଦଳର ସ୍ଥିତି ସେତେଟା ଭଲ ନ ଥିଲା। ତଥାପି ସେ ବିଜୟୀ ହୋଇଥିଲେ। ଗତ ୫ ବର୍ଷ ମଧ୍ୟରେ ଦଳ ସ୍ଥିତି ଏଠାରେ ସେ ବହୁ ଗୁଣରେ ସୁଦୃଢ଼ କରିଛନ୍ତି। ଗତ ୫ ବର୍ଷ ମଧ୍ୟରୁ ଅଢେଇ ବର୍ଷରୁ ଊର୍ଦ୍ଧ୍ୱ ସମୟ କରୋନାରେ କଟିଥିଲା। ଏଥିଯୋଗୁ ଉକ୍ତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ପରେ ସେ ଯଥା ସମ୍ଭବ ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ କରିଥିଲେ। ତେବେ ଅନେକ କାମ ଅଧୁରା ରହିଯାଇଥିଲା। ଆଶା ଥିଲା ଆସନ୍ତା ନିର୍ବାଚନରେ ସୁଯୋଗ ପାଇଲେ ସେ ସବୁ ପୂରା କରିବେ। ଅଥଚ ଦଳ ସେ ସୁଯୋଗ ଦେଲାନାହିଁ। ଏହା ତାଙ୍କୁ ବ୍ୟଥିତ କରିଥିବା ସେ ପ୍ରକାଶ କରିଛନ୍ତି। ସେ ଦଳ ଛାଡ଼ିବା ନେଇ ତାଙ୍କୁ ପଚାରିବାରୁ ଏହାକୁ ସେ ଏଡ଼ାଇଯାଇ ଦଳରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିବେ ବୋଲି କହିଥିଲେ।

## ଶବ୍ଦ ପ୍ରଦୂଷଣ ଉପରେ ପୋଲିସ କଟକଣା

ପଟ୍ଟାଙ୍ଗି,୬।୪(ଶରତ ଧଳ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବା ସହ ଏହା ବଢ଼ିବାରେ ଲାଗିଛି। ଏହିପରି ସ୍ଥିତିରେ ଜନଗହଳି ସ୍ଥାନରେ ଯେପରି ଶବ୍ଦ ପ୍ରଦୂଷଣରେ ଲୋକେ ଅତିଷ୍ଠ ନ ହୁଅନ୍ତି ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ କରିଛି। ଜନସାଧାରଣଙ୍କୁ ଶବ୍ଦ ପ୍ରଦୂଷଣ ହେବା ପରି କାର୍ଯ୍ୟକ୍ରମ ନ କରିବାକୁ ପରାମର୍ଶ ଦେଇଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ଅଞ୍ଚଳରେ। ପୋଲିସ ସ୍ଥାନୀୟ ଲୋକମାନଙ୍କୁ ଜନଗହଳି ସ୍ଥାନରେ ଶବ୍ଦ ପ୍ରଦୂଷଣ ନ କରିବାକୁ ପରାମର୍ଶ ଦେଇଛି। ସୂଚନାଯୋଗ୍ୟ, ଜିଲାର ସବୁଠାରୁ ଜନଗହଳିପୂର୍ଣ୍ଣ ସ୍ଥାନ ବା ବ୍ଲକ ଭାବେ ଜୟପୁର ପରିଚିତ। ଜୟପୁର ସହରର କେତେକ ଜନଗହଳିପୂର୍ଣ୍ଣ ସ୍ଥାନରେ ବିଗତ ଦିନରେ ଶବ୍ଦ ପ୍ରଦୂଷଣ ହେବା ପରି ଡିଜେ ବାଜା ବାଜୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜିଲା ପୋଲିସ ପ୍ରଶାସନ ଜୟପୁର ପୋଲିସକୁ ବାଜୁଥିବା ଡିଜେ ବାଜାକୁ ସିଜ୍ କରି କେସ୍ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ନିର୍ଦ୍ଦେଶ ଅନୁସାରେ ଜୟପୁର ପୋଲିସ ଡିଜେ ବାଜା ବଜାଇ ଶବ୍ଦ ପ୍ରଦୂଷଣ କରୁଥିବା ସଂସ୍ଥା ଉପରେ ୩ଟି ମାମଲା କରିଥିଲା। ଏପରି ମାମଲା ଜିଲାର ସମସ୍ତ ଥାନାରେ ଯେପରି ମାମଲା ହୋଇପାରିବ ସେନେଇ ଦୃଷ୍ଟିଦେବାକୁ ଅବଗତ କରାଯାଇଛି। ଏନେଇ ପଟ୍ଟାଙ୍ଗି ଥାନା ଅଧିକାରୀ ଚତୁର୍ଭୁଜ ନାୟକ କହିଛନ୍ତି, ଶବ୍ଦ ପ୍ରଦୂଷଣ ନ ହେବା ପରି କୌଣସି କାର୍ଯ୍ୟକ୍ରମ ନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏ ଦିଗରେ ଜନସାଧାରଣ ସହଯୋଗ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ପଟ୍ଟାଙ୍ଗି ବିଧାୟକ ପ୍ରାର୍ଥୀଙ୍କୁ ବିରୋଧକଲେ କଂଗ୍ରେସ କର୍ମୀ

ସେମିଳିଗୁଡ଼ା,ସୁନାବେଡ଼ା, ୬।୪ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ନିକଟରେ କୋରାପୁଟ ନିର୍ବାଚନମଣ୍ଡଳୀରେ ଟିକେଟ ପାଇଥିବା ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ନେଇ ବିରୋଧର ସ୍ୱର ଉଠିଥିବା ବେଳେ ଶନିବାର ପଟ୍ଟାଙ୍ଗିରେ ମଧ୍ୟ ଅନୁରୂପ ସ୍ୱର ଉଠାଉଛନ୍ତି କର୍ମୀ। ଏଠାରେ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମଙ୍କ ପ୍ରାର୍ଥିତ୍ୱକୁ ଦଳୀୟ କର୍ମୀ ଗ୍ରହଣ କରୁନାହାନ୍ତି। ଏହାକୁ ନେଇ ନିର୍ବାଚନମଣ୍ଡଳୀର ଶତାଧିକ କଂଗ୍ରେସ କର୍ମୀ କାଡାମଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିଲେ। ସେମାନଙ୍କ କହିବା କଥା ଡେର୍ ଦିନ ହେବ ପଟ୍ଟାଙ୍ଗି ନିର୍ବାଚନୀମଣ୍ଡଳୀ କଂଗ୍ରେସର ଗଡ଼ ଭାବରେ ପରିଚିତ ଥିଲା। ଗତ କିଛି ବର୍ଷ ହେବ ଏହା ଅନ୍ୟ ଦଳ ହାତକୁ ଚାଲିଯାଇଛି। ତେଣୁ ଏଠି କଂଗ୍ରେସ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଏହା ପଛରେ କାଡାମଙ୍କ ପରୋକ୍ଷ ହାତ ଥିବା କର୍ମୀମାନେ ଅଭିଯୋଗ କରି ଏହା ସତ୍ତ୍ୱେ କିପରି କଂଗ୍ରେସ ତାଙ୍କୁ ପ୍ରାର୍ଥୀ କଲା ସେନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ଏନେଇ ବିକ୍ଷୋଭ ପ୍ରଦର୍ଶନ କରି କାଡାମଙ୍କ ଟିକେଟକୁ ପ୍ରତ୍ୟାହାର କରି ନୂଆ ଯୁବ ଚେହେରାକୁ ଟିକେଟ ଦେବାକୁ ପିସିସି ସଭାପତିଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ପିସିସି ଗୁରୁତ୍ୱ ଦେଇନାହିଁ। ସୂଚନାଯୋଗ୍ୟ, କାଡାମ୍ କ୍ରମାଗତ ଭାବେ ଏହି ନିର୍ବାଚନମଣ୍ଡଳୀରେ ହାରି ଆସୁଛନ୍ତି। ଯଦି ସପ୍ତାହେ ଭିତରେ ଏ ଦିଗରେ ନିଷ୍ପତ୍ତି ପରିବର୍ତ୍ତନ ନ କରେ ତେବେ ସମସ୍ତ କଂଗ୍ରେସ କର୍ମୀ କଡା ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମସ୍ତ ବିଷୟ ଜିଲା କଂଗ୍ରେସ ମାଧ୍ୟମରେ କୋରାପୁଟ ଏମ୍‌ପି, ଜୟପୁର ବିଧାୟକ ଏବଂ ପିସିସିଙ୍କୁ ଅବଗତ କରାଯାଇଛି। ବିରୋଧ ପ୍ରଦର୍ଶନରେ ଯୁବ କଂଗ୍ରେସ ସଭାପତି ଜଗଦୀଶ ବାଘଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରାମଚନ୍ଦ୍ର କାଡାମଙ୍କୁ ପଚାରିବାରୁ ସେ କହିଲେ, ଏଆଇସିସି ମୋ ଯୋଗ୍ୟତାକୁ ଆକଳନ କରି ମୋତେ ଟିକେଟ ଦେଇଛନ୍ତି। ମୋ ଦକ୍ଷତା ପିସିସି ଓ ଏଆଇସିସି ଉଭୟେ ଜାଣିଛନ୍ତି। ଏନେଇ କିଏ କ'ଣ କହୁଛି ତାହା ସେମାନଙ୍କ ବ୍ୟକ୍ତିଗତ ମତ। ମୋର ଏଥିରେ ମୁଣ୍ଡ ପୂରେଇବାର ନାହିଁ ବୋଲି କାଡାମ କହିଥିଲେ। ସେହିପରି ଏ ସମ୍ପର୍କରେ କଂଗ୍ରେସ ଜିଲା ସଭାପତି ଶଶିଭୂଷଣ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ଏ ବିଷୟ ଆମେ ପିସିସିକୁ ଜଣାଇଛୁ ବୋଲି ପାତ୍ର କହିଥିଲେ।

## ଗଞ୍ଜେଇ ଚାଲାଣ ମାମଲାରେ ଅନ୍ୟ ଜଣେ ଗିରଫ

ଜୟପୁର, ୬।୪(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ବିହାରର ଦିଲୀପ ରାୟ। ଏ ନେଇ ଥାନାରେ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଙ୍କିତ ବର୍ମା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି। ଗତ ୨୦ ତାରିଖରେ ସଦର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୨୬ ନଂ. ଜାତୀୟ ରାଜପଥର କୁମୁଲିପୁଟ ବ୍ରିଜ୍ ନିକଟରେ ଏକ କଣ୍ଟେନରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ୧୯ ପ୍ୟାକେଟରୁ ୩୯୭ କେଜି ଗଞ୍ଜେଇ ଜବତ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତ ଅଭିମନ୍ୟୁ ରାୟ (୨୯), ଶୁଭଜିତ କୁମାର (୨୮)ଙ୍କୁ ଗିରଫ କରାଯାଇଥିଲା। କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏନେଇ ଏକ ଟିମ୍ ଗଠନ ହୋଇଥିଲା। ଟିମ୍ ବିହାର ଯାଇ ଏହି ମାମଲାର ର୍ୟାକେଟକୁ ଠାବକରି ଦିଲୀପଙ୍କୁ ଗିରଫ କରିଥିଲା। ସେଠାରେ ତାଙ୍କୁ କୋର୍ଟରେ ହାଜର ପରେ ରିମାଣ୍ଡରେ



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ଆଣି ଜୟପୁର ସଦର ପୋଲିସ ତାଙ୍କୁ ପଚରାଉଚରା କରୁଛି। ଏହି ର୍ୟାକେଟର ମୁଖ୍ୟଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ଉଦ୍ୟମ କରୁଛି। ଖୁବ୍ ଶୀଘ୍ର ଏଥିରେ ସମ୍ପୃକ୍ତ ଥିବା ମୁଖ୍ୟଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ବର୍ମା କହିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ମାଲକାନଗିରି ଜିଲାର ଉପାନ୍ତ ଅଞ୍ଚଳରୁ ଗଞ୍ଜେଇ ଆଣି ଜୟପୁର ନବରଙ୍ଗପୁର ଦେଇ ବିହାରକୁ ଚାଲାଣ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ଦେଶୀ ମଦ ଚୋରାଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୬।୪(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ପାତ୍ରପୁଟର ମାଧବ ଭୂମିଆ । ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ କର୍ମଚାରୀମାନେ ପାତ୍ରପୁଟ ଗ୍ରାମ ରାସ୍ତାରେ ଚଢ଼ାଉ କରି ତାଙ୍କୁ ଧରିଥିଲେ। ମାଧବଙ୍କଠାରୁ ୨୧ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବ ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି ।

## ବୋରିଗୁମ୍ମାରୁ ଅଭିଯୁକ୍ତ ଗିରଫ

**ସାନଭାଇର ଆକ୍ରମଣରେ ବଡ଼ଭାଇ ମୃତ୍ୟୁ ମାମଲା**

ଜୟପୁର,୬।୪(ପବନ ପାଣିଗ୍ରାହୀ)

ସାନଭାଇର ଆକ୍ରମଣରେ ବଡ଼ଭାଇର ମୃତ୍ୟୁ ମାମଲାରେ ଶନିବାର ସଦର ପୋଲିସ ନିଳାଗୁଡ଼ାର ସମାରୁ ନାୟକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଏନେଇ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି । ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଉପସ୍ଥିତ ଥିଲେ। ସଦର ଥାନା ଅନ୍ତର୍ଗତ ନିଳାଗୁଡ଼ା ଗ୍ରାମରେ ସମାରୁଙ୍କ ସହ ବଡଭାଇ ହରିଶ୍ଚନ୍ଦ୍ର ନାୟକଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଏନେଇ ୨ଦିନ ତଳେ ୨ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାନଭାଇ ସମାରୁ ଏକ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି ।

କାତିରେ ବଡଭାଇ ହରିଶ୍ଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ସେ ଗୁରୁତର ହେବାରୁ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଏନେଇ ୪ ତାରିଖରେ ଅଭିଯୋଗ ପାଇ ପୋଲିସ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବାକୁ ଗୋଟିଏ ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ବୋରିଗୁମ୍ମାରୁ ଗିରଫ କରାଯାଇଛି । ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ମଧ୍ୟ ଜବତ ହୋଇଥିବା ବର୍ମା କହିଛନ୍ତି।

## ବିଦେଶୀ ମଦ ଜବତ, ଜଣେ ଗିରଫ

ପଟ୍ଟାଙ୍ଗି,୬।୪(ଶରତ ଧଳ)

ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ସେତିକି ଧରପଗଡ଼ କରୁଛି। କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଅଞ୍ଚଳରେ ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ ଏବଂ ଆଇପିଏସ୍ ପ୍ରେବେସନର ପାର୍ଥ କଶ୍ୟପଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ୯୦ ଲିଟର ବିଦେଶୀ ମଦ ଜବତ କରାଯାଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସୂଚନାଯୋଗ୍ୟ, ସୁନାବେଡ଼ା ଏସ୍‌ଡିପିଓଙ୍କ ଅଧୀନରେ



ସୁନାବେଡ଼ା, ସେମିଳିଗୁଡ଼ା, ଦାମନଯୋଡ଼ି, ପଟ୍ଟାଙ୍ଗି, କୋଟିଆ ଏବଂ ସୁଙ୍କି ପ୍ରମୁଖ ଥାନା ରହିଛି। ଏହି ଥାନାଞ୍ଚଳରେ ଯେପରି ନିର୍ବାଚନ ସମୟରେ କୌଣସି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟି ରଖିବାକୁ ଏସ୍‌ଡିପିଓ ଶତପଥୀ ଥାନାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ୬ ବର୍ଷ ବିତିଲାଣି, ସରୁନି ୩ ପୋଲ ନିର୍ମାଣ



କୋଲାବ ନଦୀ ଉପରେ ନିର୍ମାଣାଧୀନ ପୋଲ।

କୁନ୍ଦୁରା,୬।୪ (ସନ୍ତୋଷ ପ୍ରହରାଜ)

ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୧୮ରେ କୁନ୍ଦୁରା ବ୍ଲକର କୋଲାବ ନଦୀରେ ପୋଲ ନିର୍ମାଣ ନିମନ୍ତେ ଏନ୍‌ବିସିସି ନାମକ ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୬ବର୍ଷ ହେଲାଣି କୋଲାବ ନଦୀର ୩ ସ୍ଥାନରେ ଚାଲିଥିବା ପୋଲ ନିର୍ମାଣ ସରୁନାହିଁ। ପୋଲ ନିର୍ମାଣ ଆରମ୍ଭରୁ ବିଭିନ୍ନ ପଞ୍ଚାୟତ ଏବଂ ବ୍ଲକକୁ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା ଡଙ୍ଗରପାଉଁଶି ପଞ୍ଚାୟତ ଅନ୍ତର୍ଗତ ବେଡ଼ାପାଉଁଶି ନିକଟସ୍ଥ କୋଲାବ ନଦୀରେ ପୋଲ, କୁନ୍ଦୁରା ପଞ୍ଚାୟତ ଅନ୍ତର୍ଗତ ବାରବନ୍ଧା ନିକଟସ୍ଥ କୋଲାବ ନଦୀରେ ପୋଲ ଏବଂ ଭୁସାଙ୍ଗଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଟାରିପୁଟଠାରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ନିର୍ମାଣ ସମୟ ସୀମା ୨୦୨୦ ମସିହା ରହିଥିବା ବେଳେ ଏହି ସମୟ ସୀମା ପାରହୋଇ ୪ ବର୍ଷ ପରେ ମଧ୍ୟ କାର୍ଯ୍ୟ ଶେଷ ହେଉ ନ ଥିବାରୁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରି ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରତି ପୋଲ ନିର୍ମାଣର ୨ ପାର୍ଶ୍ୱରେ ପିଚୁରାସ୍ତା ନିର୍ମାଣ ଲାଗି ନିୟମ ରହିଥିବା ବେଳେ ଏହି ରାସ୍ତା ନିର୍ମାଣର ୧ ମାସ ଭିତରେ ପିଚୁ ସବୁ ମାଟିରେ ମିଶିଯାଇଛି। କାର୍ଯ୍ୟ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିଲେ ମଧ୍ୟ ଏହାକୁ ଏନ୍‌ବିସିସିର ଜଣେ ଅଣଓଡ଼ିଆ ଅଧିକାରୀ ତଦାରଖ କରୁଛନ୍ତି। ଉକ୍ତ ଅଧିକାରୀ ଜଣକ କୋରାପୁଟରେ ରହୁଥିବାରୁ ଏଠାରେ ଠିକାସଂସ୍ଥା ନିଜ ଇଚ୍ଛାନୁସାରେ କାର୍ଯ୍ୟ କରୁଥିବା ଏବଂ ପୋଲ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ନିମ୍ନମାନରେ କରୁଥିବା ଅଭିଯୋଗ ହେଉଛି। କୁନ୍ଦୁରା ଏବଂ କୋଟପାଡ଼କୁ ସଂଯୋଗ କରୁଥିବା ଏହି ରାସ୍ତାଗୁଡିକ ପାଇଁ ପଞ୍ଚାୟତବାସୀ ଏବଂ ବ୍ଲକ୍‌ବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଅଧିକ ୩୦ କି.ମି. ରାସ୍ତା ବୁଲି ଯାତାୟାତ କରିବାକୁ ପଡୁଛି। ଏହି ୩ ପୋଲ ନିର୍ମାଣ ଅସମ୍ପୂର୍ଣ୍ଣ ହୋଇ ରହିଥିବାରୁ ରାଶନ ସାମଗ୍ରୀ ପାଉଥିବା ହିତାଧିକାରୀ ଓ ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଗତ ୨ ବର୍ଷ ତଳେ ଏଠାରେ ନିର୍ମାଣ କରାଯାଇଥିବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଭାରିଯାନ ଯାତାୟାତ ଯୋଗୁ ନଷ୍ଟ ହୋଇଯାଇଛି। ଏନେଇ ଦାୟିତ୍ୱରେ ଥିବା ଏନ୍‌ବିସିସିର କନିଷ୍ଠ ଯନ୍ତ୍ରୀ ବଜରଙ୍ଗୀ କୁମାରଙ୍କୁ ପଚାରିବାରୁ ଅଳ୍ପଦିନ ମଧ୍ୟରେ ଏହି ପୋଲଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି କହିଛନ୍ତି।

## 'କୁନୁଆଁ'ରେ ଭଉଣୀଭାଇର ସମ୍ପର୍କ, ୨ ବନ୍ଧୁଙ୍କ କାହାଣୀ କହିଲା 'କ୍ଷତାକ୍ତ'

ଦାମନଯୋଡି,୬।୪ (ମାନସ ରଞ୍ଜନ କର)

ଅଷ୍ଟାଦଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ, ସମ୍ବଲପୁର ପକ୍ଷରୁ ରୁପାକ୍ଷ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'କୁନୁଆଁ' ମଞ୍ଚସ୍ଥ ହୋଇଛି। ଭାଇ ଭଉଣୀର ସମ୍ପର୍କ ବଡ ମଧୁର ଓ ସର୍ବଦା ମଜଭୁତ ହୋଇଥାଏ। ବିବାହ ପୂର୍ବରୁ ଭଉଣୀ ଭାଇ ଉପରେ ଏବଂ ଭାଇ ଭଉଣୀ ଉପରେ ନିଜ ଅଧିକାର ଜାହିର କରିଥାନ୍ତି। ହେଲେ ବାପଘରୁ ସବାରୀ ଉଠିବା ପରେ ଝିଅଟିର ଅଧିକାର ଶେଷ ହୋଇଯାଏ। ଭାଇର ବିବାହ ପରେ ତା'ର ଅଧିକାର କମି କମି ଯାଏ। ଦୁହିତା ଦୁଇ କୁଳକୁ ହିତା,ଝିଅଟିଏ ବାପଘରେ ଝିଅ ଓ ଶାଶୁଘରେ ବୋହୂର ପରିଚୟ ନେଇ ସ୍ୱାଭିମାନର ସହ ଜିଇଁଥାଏ। ହେଲେ ତା'ର ଅଧିକାରର ସୀମାକୁ ନେଇ ସେ ଦ୍ୱନ୍ଦରେ ରହେ। ସେହି ଦ୍ୱନ୍ଦ୍ୱର ଉତ୍ତର ଖୋଜୁଛି ନାଟକ କୁନୁଆଁ। ଏଥିରେ ଚନ୍ଦ୍ରକାନ୍ତ,ସନ୍ତୋଷ, ଭପେଷ, ଶୁଭଶ୍ରୀ, ଅନନ୍ୟା, ଧନଞ୍ଜୟ, ବିଶ୍ୱ ଭାରତୀ, ଶ୍ରୀଲକ୍ଷ୍ମୀ, ଦେବଶ୍ରୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।



କୁନୁଆଁ ନାଟକର ଏକ ଦୃଶ୍ୟ

**ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା**

ସେହିପରି ସଂକ୍ରାନ୍ତି ସାଂସ୍କୃତିକ ପରିଷଦ କଟକ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'କ୍ଷତାକ୍ତ ଅପରାହ୍ନ'। ଦୁର୍ଭୂଷଣ ପଣ୍ଡାଙ୍କ ରଚିତ ଓ ହେମନ୍ତ ଦାଶଙ୍କ ନିର୍ଦ୍ଦେଶିତ ଏହି ନାଟକ ଗୋଟିଏ ଗ୍ରାମର ଦୁଇ ବନ୍ଧୁ ଦଶରଥ ମାଝି ଓ ଅମରେନ୍ଦ୍ରଙ୍କ ଜୀବନ କାହାଣୀକୁ ନେଇ ଗତିଶୀଳ ହୋଇଛି। ଦଶରଥ ଗରିବ ହେଲେ ମଧ୍ୟ ନିଜ ଜମିକୁ ଶସ୍ୟଶ୍ୟାମଳା କରିବା ପାଇଁ ନିତିଦିନ କେନାଲ ଖୋଳନ୍ତି ଏବଂ ନଷ୍ଟ ହୋଇଥିବା ଜଙ୍ଗଲ ଜମିରେ ଗଛ ଲଗାନ୍ତି। ସ୍ତ୍ରୀ ରମା ମଧ୍ୟ ଏକ୍ଷେତ୍ରରେ ସହଯୋଗ କରିଥାନ୍ତି। ଅମରେନ୍ଦ୍ର କର୍ମକ୍ଷେତ୍ରରୁ ଅବସର ପରେ ଗାଁ ଗଢିବାର ସ୍ୱପ୍ନରେ ଗାଁରେ ରହନ୍ତି। ତାଙ୍କ ପୁଅ ଅନୁପ ନିକଟରେ ଥିବା ଏକ ବେସରକାରୀ କଲେଜରେ କାମ କରନ୍ତି। ଅନୁପଙ୍କ ସ୍ତ୍ରୀ ଜ୍ୟୋତି ସ୍କୁଲ ପାଖରେ ଥିବା ମଦ ଦୋକାନ ଉଠାଇବା ଏବଂ ଗ୍ରାମ ଜଙ୍ଗଲରୁ ଗଛକଟା ରୋକିବା ଦିଗରେ ମିଳିତଭାବେ କାମ କରିବା ଆରମ୍ଭ କରନ୍ତି। ଗ୍ରାର ଖଳ ପ୍ରକୃତିର ଯୁବକ ଟୁକୁଙ୍କ ଇଙ୍ଗିତରେ ଦଶରଥଙ୍କ ପୁଅ ସୁଧା ତାଙ୍କ ବାପାଙ୍କୁ ବିରୋଧ କରନ୍ତି। ପଞ୍ଚାୟତର ସରପଞ୍ଚ ମଧ୍ୟ ଟୁକୁ ସହ ହାତ ମିଳାନ୍ତି। ଏମାନେ ଅମରେନ୍ଦ୍ରଙ୍କ ପୁଅ ଅନୁପକୁ ଫସାଇ ଡାଲ କରନ୍ତି। ଅମରେନ୍ଦ୍ରଙ୍କୁ ଗ୍ରାମରୁ ବାହାର କରିବା ପାଇଁ ଷଡଯନ୍ତ୍ର କରନ୍ତି। ଏପରି ଏକ ଦୁଇ ବନ୍ଧୁଙ୍କ କାହାଣୀକୁ ନେଇ ନାଟକ କ୍ଷତାକ୍ତ ସମସ୍ତଙ୍କୁ ଯନ୍ତ୍ରଣା ଜର୍ଜରିତ କରିଛି। ନାଟକରେ ଆଲୋକ ନାୟକ, ମାନସୀ ପାତ୍ର, ବିଶ୍ୱଭୂଷଣ ମହାନ୍ତି, ଚନ୍ଦନ ସାହୁ, ସୁଭଦ୍ରା ମହାରଣା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପାତ୍ର, ମିଥୁନ ସ୍ୱାଇଁ, ସୁଧାଂଶୁ ଶେଖର ମହାପାତ୍ର, ନକୁଳ ଓଝା ପ୍ରମୁଖ କଳାକାର ଅଭିନୟ କରିଥିଲେ। ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ନାଲକୋ ମାଇନ୍ସର ସମୂହ ମହାପ୍ରବନ୍ଧକ ଭି.ଏସ୍.ଏସ୍.ଆନନ୍ଦ ଏବଂ ଆର୍.ଏସ୍.ରାଜୁଙ୍କ ସହ ବରିଷ୍ଠ ଅଧିକାରୀମାନେ ଅତିଥି ରୂପେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ଦାଶ ଓ ନିର୍ମଳ ରାଉତ ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ବଦଳିବେନି ବିଜେଡିର ରାୟଗଡ଼ା ବିଧାନସଭା ପ୍ରାର୍ଥୀ

ରାୟଗଡ଼ା,୬।୪(ଆଶିଷ ରଞ୍ଜନ ପଣ୍ଡା)

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାୟଗଡ଼ା ବିଧାନସଭା ଆସନ ପାଇଁ ନବୀନ ପଟ୍ଟନାୟକ ଘୋଷଣା କରିଥିବା ପ୍ରାର୍ଥୀ ଅପରିବର୍ତ୍ତିତ ରହିବେ ବୋଲି ଜଣାପଡ଼ିଛି । ଅନସୂୟା ମାଝି ପ୍ରାର୍ଥୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡିଛି ।

ପ୍ରକାଶ ଯେ, ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ରାୟଗଡ଼ା ନିର୍ବାଚନମଣ୍ଡଳୀର ରାୟଗଡ଼ା ଓ କାଶୀପୁର ବ୍ଲକ୍ ସମେତ ରାୟଗଡ଼ା ପୌର ପରିଷଦର ନିର୍ବାଚିତ ପ୍ରତିନିଧି ଏବଂ କର୍ମୀ ଅନସୂୟାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିଲେ। ବହୁ ବୁଝାଶୁଝା ପରେ ଏହି ବିରୋଧାଭାସ ଶାନ୍ତ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଏନେଇ ବିଜେଡି ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କୁ ପଚାରିବାରୁ ଦଳ ଯାହା ନିଷ୍ପତ୍ତି ନେବ ସେ ହିସାବରେ କାମ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଶୁକ୍ରବାର ରାୟଗଡ଼ା ଜିଲା ସଭାପତି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓଙ୍କ ନାମ ଘୋଷଣା ହେବା ପରେ ଦଳୀୟ କର୍ମୀଙ୍କ ସମେତ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଦାୟିତ୍ୱ ପାଇବା ପରେ ଭାସ୍କର ଦଳ ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ନିର୍ବାଚନରେ ରାୟଗଡ଼ା ଜିଲାର ୩ ନିର୍ବାଚନମଣ୍ଡଳୀ ବିଷମକଟକ, ଗୁଣପୁର ଓ ରାୟଗଡ଼ା ଆସନ ବିଜେଡି ଦଖଲ କରିବା ସହ କୋରାପୁଟ ଲୋକ ସଭା ଆସନ ମଧ୍ୟ ବିଜେଡି କିଭଳି ଦଖଲ କରିବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଥିବା ଭାସ୍କର କହିଛନ୍ତି।

ରାୟଗଡ଼ା ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା ହେବା ପରେ ଦେଖା ଦେଇଥିବା ବିରୋଧାଭାସ ଏବଂ ଦୀର୍ଘଦିନ ଧରି ଦଳରେ ଚାଲିଥିବା ଗୋଷ୍ଠୀ କନ୍ଦଳ ବିଷୟରେ ପଚାରିବାରୁ ସେଭଳି କିଛି ଗୋଷ୍ଠୀ ବିବାଦ ଦଳରେ ନାହିଁ। ଦଳର ପ୍ରତ୍ୟେକ କର୍ମୀ ନିଜର ମତ ସାବ୍ୟସ୍ତ କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ରହିଛି। ସେ ଦୃଷ୍ଟିରୁ ଯିଏ ଯାହାର ଅଭିଯୋଗ ରଖିଥିଲେ । ଆମର କେବଳ ଜଣେ ହିଁ ନେତା ନବୀନ ପଟ୍ଟନାୟକ ଏବଂ ତାଙ୍କ ନେତୃତ୍ୱରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ଦଳ ପାଇଁ କାମ କରିବେ ବୋଲି ଜିଲା ସଭାପତି ଭାସ୍କର ରାଓ କହିଛନ୍ତି। ନିର୍ବାଚନ ନିକଟ ହୋଇଥିବା ବେଳେ ଭାସ୍କରଙ୍କ ଭଳି ଜଣେ ଦକ୍ଷ ରାଜନେତାଙ୍କୁ ଦଳ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ଜିଲା ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ, ବିଜୁ ଯୁବ ଜନତା ଦଳ ସଭାପତି ଅବିନାଶ ବିଶୋୟୀ, ଜିଲା ଉପସଭାପତି ବିନାୟକ କର, ଯୁବନେତା ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର, ତପନ ପେଦେଣ୍ଟି, ଯୋଗେଶ ପେଦେଣ୍ଟି, ହରପ୍ରସାଦ ନାୟକ ଓ ଅମିତ ନାୟକ ପ୍ରମୁଖ ଭାସ୍କରଙ୍କୁ ଶୁଭେଚ୍ଛା ସହ ନବୀନ ପଟ୍ଟନାୟକ, ପ୍ରଣବ ପ୍ରକାଶ ଦାସ ଓ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।


ଦଳୀୟ କର୍ମୀମାନେ ଭାସ୍କରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।

### ଜିଲା ସଭାପତି ହେବା ପରେ ଭାସ୍କରଙ୍କୁ ଶୁଭେଚ୍ଛାର ସୁଅ

## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବଦଳିଲା ସ୍କୁଲ ସମୟ

ରାୟଗଡ଼ା,୬।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ଅପରାହ୍ନରେ ଜିଲାପାଳ ସ୍କୁଲରେ ପାଠପଢ଼ା ସମୟରେ ପରିବର୍ତ୍ତନ କରିବା ନେଇ ନୋଟିସ ଜାରି କରିଛନ୍ତି। ଉକ୍ତ ନିର୍ଦ୍ଦେଶାନୁଯାୟୀ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସକାଳ ୬.୩୦ ରୁ ୧୦.୩୦ ପର୍ଯ୍ୟନ୍ତ ପାଠପଢା ଚାଲିବ। ଏହି ସମୟରେ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବା ନିମନ୍ତେ ପ୍ରଧାନ ଶିକ୍ଷକ ଓ ପ୍ରିନ୍ସିପାଲ୍‌ମାନଙ୍କୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ପୂର୍ବରୁ ବିଦ୍ୟାଳୟଗୁଡ଼ିକ ସକାଳ ୭ଟାରୁ ୧୧.୩୦ ପର୍ଯ୍ୟନ୍ତ ଚାଲୁଥିଲା।

## ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଗାଡ଼ି ଯାଞ୍ଚ



ତହସିଲଦାରଙ୍କ ଉପସ୍ଥିତିରେ ଗାଡ଼ି ଯାଞ୍ଚ କରାଯାଉଛି।

ଗୁଡାରି, ୬।୪(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲାର ୩୨୬ ନମ୍ବର ଜାତୀୟ ରାଜପଥର ମୁଟୁକିପଦର ଛକ ନିକଟରେ ନିର୍ବାଚନ ନିମନ୍ତେ ଏନ୍‌ଫୋର୍ସମେଣ୍ଟ ଟିମ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଇଛି। ଗୁଡାରି ତହସିଲଦାର ତଥା ମାଜିଷ୍ଟ୍ରେଟ ଏ. ସ୍ନେହଲତାଙ୍କ ଉପସ୍ଥିତିରେ ଏନ୍‌ଫୋର୍ସମେଣ୍ଟ ଟିମ୍ ସଦସ୍ୟ, ପୋଲିସ ଅଧିକାରୀ ଓ କର୍ମଚାରୀ ଗାଡି ଚେକିଂ କରିଥିଲେ। ଏହି ଯାଞ୍ଚ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜଳୁଛି ଗଡିପୁଟ ଜଙ୍ଗଲ

ତେନ୍ତୁଳିଖୁଣ୍ଟି, ୬।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗଡିପୁଟ ଜଙ୍ଗଲରେ ନିଆଁ ଲାଗିଛି। ସମୟ ଗଡ଼ିବା ସହ ନିଆଁ ର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ବନ କର୍ମଚାରୀଙ୍କ ଦେଖା ନଥିବାରୁ ଜୀବଜନ୍ତୁଙ୍କ ଜୀବନ ଯାଉଥିବାବେଳେ ମୁଲ୍ୟବାନ ବୃକ୍ଷ ଗୁଡିକ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। କେବଳ ଗଡିପୁଟ ନୁହଁ ବେଜୁଗୁଡା ନିକଟସ୍ଥ ଜଙ୍ଗଲରେ ମଧ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଏହି ନିଆଁ ଦିନକୁ ଦିନ ବଢୁଥିବା ଅଞ୍ଚଳବାସୀ କହିଛନ୍ତି। ଜଙ୍ଗଲ ନିଆଁ ଲିଭାଇବା ଦିଗରେ ବନବିଭାଗ କାହିଁକି ନିଆଁ ଲିଭାଉନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ନିଆଁ ଲାଗିବା ଫଳରେ ଜଙ୍ଗଲି ଜୀବଜନ୍ତୁ ଗାଁ ମୁହାଁ ହୋଇପାରନ୍ତି ବୋଲି ଆଶଙ୍କା କରିବା ସହ ନିଆଁ ଆୟତ କରିବା ପାଇଁ କୌଣସି ପ୍ରୟାସ ହେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିଆଁ ଲାଗିବା କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏ ନେଇ ତେନ୍ତୁଳିଖୁଣ୍ଟି ଫରେଷ୍ଟର ରିତେଶ ସୁନାଙ୍କୁ ପଚାରିବାରୁ ଜଙ୍ଗଲରେ ନିଆଁ ଲାଗିବା ସମ୍ପର୍କରେ ଜାଣିବା ମାତ୍ରେ ତାହାକୁ ଲିଭାଯାଉଛି। ଗଡିପୁଟ ଜଙ୍ଗଲ ନିଆଁ ଲିଭାଇବା ପାଇଁ ମଧ ଟିମ୍ ପଠାଯାଇଛି ବୋଲି ସେ କହିଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଗଜପତି ନଗର ଅଞ୍ଚଳର ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ସେ ହେଲେ ଗଜପତି ନଗର ୧୦ମ ଲାଇନର କିଶୋର ଚନ୍ଦ୍ର କରଙ୍କ ସ୍ତ୍ରୀ ଦିଗାମ୍ବରୀ ମହାପାତ୍ର (୩୪)। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ମୃତକଙ୍କ ମା' ପରମଲକ୍ଷ୍ମୀ ମହାପାତ୍ରଙ୍କ ଅଭିଯୋଗକୁ ଆଧାର କରି ନଂ.୧୯୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସରେ ବଢୁଛି ଅସନ୍ତୋଷ


ବୈଠକରେ ଏକାଠି ହୋଇଥିବା କଂଗ୍ରେସ କର୍ମୀମାନେ ।

ବିଷମ କଟକ, ୬।୪(ବିଭୂତି ଭୂଷଣ ନାୟକ)

### ବିଷମକଟକ ନିର୍ବାଚନମଣ୍ଡଳୀ

ବିଷମ କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ବିଧାନସଭା ପ୍ରାର୍ଥୀ ଚୟନ କରିବା ପରେ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାର୍ଥୀ ଚୟନରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଥିବା ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲାକାଙ୍କ ପୁଅ ନିଳମାଧବ ଉଲାକା ଏବଂ ତାଙ୍କ ସମର୍ଥକମାନେ ଅଭିଯୋଗ ଆଣିଛନ୍ତି। ଦଳ ନିଳମାଧବ ହିକକାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏହା ପରେ ଅସନ୍ତୁଷ୍ଟ ଗୋଷ୍ଠୀ ଗତ ବୁଧବାର କଲ୍ୟାଣସିଂପୁର ବ୍ଲକର ଶିକରପାଇ ପଞ୍ଚାୟତର ବଡଲିମା ଘଟିଠାରେ ଏକ ବୈଠକ କରିଥିଲେ। ବୈଠକରେ ବିଷମକଟକ, ମୁନିଗୁଡା, କଲ୍ୟାଣସିଂପୁର ଏବଂ କୋଲନରା ବ୍ଲକର କଂଗ୍ରେସ ନେତା ଏବଂ କର୍ମୀମାନେ ଯୋଗ ଦେଇଥିଲେ। ବୈଠକରେ କୋରାପୁଟ ଏମ୍‌ପି ଚଞ୍ଚକତା କରି ନିଳମାଧବ ଉଲାକାଙ୍କ ଟିକେଟ କାଟି ଦେଇଥିବା କର୍ମୀମାନେ ଅଭିଯୋଗ କରିଥିଲେ। କର୍ମୀ ଅଶୋକ ଆଚାର୍ଯ୍ୟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ନିର୍ବାଚନ ମଣ୍ଡଳୀରେ ପ୍ରବେଶ କରିବାକୁ ଦେବେ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ବିଷମ କଟକ ବ୍ଲକ କଂଗ୍ରେସ ସଭାପତି କୃଷ୍ଣ ନାଣକା ଏକ ଖବରଦାତା ସମ୍ମିଳନୀ କରିଥିଲେ। ସେ କର୍ମୀ ଅଶୋକ ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟରୁ ଓହରିବା ଏବଂ ସର୍ବ ସମ୍ମୁଖରେ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି। ଯଦି ସେ କ୍ଷମା ନ ମାଗନ୍ତି ତେବେ ଦଳ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆଇନର ଆଶ୍ରୟ ନେବ ବୋଲି ସୂଚନା ଦେଇଛନ୍ତ। ନିଳମାଧବ ହିକ୍‌କାଙ୍କୁ ଦଳୀୟ ଟିକେଟ ପ୍ରଦାନରେ କୌଣସି ଚଞ୍ଚକତା ଅବଲମ୍ବନ କରାଯାଇନାହିଁ। ବରଂ ଯୋଗ୍ୟତା ଭିତିରେ ସେ ଟିକେଟ ପାଇଛନ୍ତି ବୋଲି କୃଷ୍ଣ କହିଛନ୍ତ। ଖବରଦାତା ସମ୍ମିଳନୀରେ ଜାତୀୟ ଛାତ୍ର ସଙ୍ଗଠନର ଜିଲା ସଭାପତି ନିଖିଲ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ନରସିଂହ ତୁଇକା, ନାରାୟଣ ୱାଡକା, ନିରଞ୍ଜନ ତୁଇକା, ଜଗନ୍ନାଥ ହିକକା, ରମେଶ ହିକକା, ଭିମ କାଡ୍ରାକା, ସବନା ସ୍ରମୁକା ପ୍ରମୁଖ ଉପସ୍ଥିତ ଥିଲେ।

## ଇସ୍ତଫା ଦେଲେ ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି

ଉମରକୋଟ, ୬।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି ସୁରେଶ ବେହେରା ଶନିବାର ଦଳର ପ୍ରାଥମିକତା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସୁରେଶ ବେହେରା ତାଙ୍କ ଇସ୍ତଫା ପତ୍ର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝିଙ୍କ ନିକଟକୁ ପ୍ରେରଣ କରିଛନ୍ତି। ସେ ୧୯୯୨ ରାଜନୀତିରେ ସକ୍ରୀୟ ଅଛନ୍ତି। ସୁରେଶ ଦଳରେ ବିଭିନ୍ନ ପଦବୀରେ ରହିବା ସହ ଏବେ ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି ଥିଲେ। ବର୍ତ୍ତମାନ ସେ ଅନ୍ୟ କୌଣସି ଦଳ ରେ ଯୋଗ ଦେଉ ନାହାନ୍ତି ବୋଲି ସୁରେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ମାଥିଲିରେ କଳବଳ କଲାଣି ତାତି, ଜଳୁଛି ଜଙ୍ଗଲ

ମାଥିଲି,୬।୪(ସୁବାଷ ଖୁଡୁପିଆ)

ଗତକିଛି ଦିନ ହେଲା ୪୨ ଡିଗ୍ରୀ ତଳକୁ ଖସୁନି ମାଲକାନଗିରି ଜିଲାର ପାରଦ। ଫଳରେ ପ୍ରବଳ ଗରମରେ ତତଲା କଡ଼େଇରେ ଶିଝୁଛି ଜିଲା। ମାଥିଲିରେ କଳବଳ କଲାଣି ତାତି। ଗରମକୁ ନା ଦିନରେ ଘରୁ ବାହାରି ହେଉଛି ରାତିରେ ଶୋଇ ହେଉଛି। ନଦୀ ନାଳ ସବୁ ଶୁଖିଗଲାଣ। ପାଣି ପାଇଁ ଚାରିଆଡେ ହା ହା କାର ଦେଖାଦେଇଛି। ଏଥିରେ ପ୍ରଭାବିତ ହେଉଛନ୍ତି ବିଦ୍ୟାଳୟର ଛାତ୍ରୀଛାତ୍ର। ଆଗକୁ ବର୍ଷା ନ ହେଲେ ସ୍ଥିତି ଅସମ୍ଭାଳ ହୋଇପଡିବ। ୧୦ଟାପରେ ଲୋକେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛ। ତେଣୁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୦ଟା ପରେ ଲୋକେ ଜରୁରୀ କାମ ଥିଲେ ଘରୁ ଛତା ଏବଂ ପାଣି ବୋତଲ ଧରି ବାହାରୁଛନ୍ତି। ଜଙ୍ଗଲରେ ଲଗାଯାଇଥିବା ନିଆଁ ତାତିର ଉଷ୍ମତାକୁ ଦ୍ୱିଗୁଣିତ କରିଛି। ବନ ବିଭାଗ ଓ ଅଗ୍ନିଶମ ବିଭାଗ ଖବର ପାଇ ନିଆଁ ଲିଭାଉଥିବା ବେଳେ ଦୋଷୀ ଖସି ଯାଉଛନ୍ତ। ବିଦ୍ୟାଳୟର ଛାତ୍ରୀଛାତ୍ର ସକାଳୁ ସ୍କୁଲ ଯିବା ଓ ଢ଼ହ ଢ଼ହ ଖରାରେ ଘରକୁ ଫେରିବା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

## ନିଶାସକ୍ତ ଡ୍ରାଇଭର ଚଳାଇଲେ ସରକାରୀ ବସ୍, ୨ ସ୍ଥାନରେ ଦୁର୍ଘଟଣା

ବାଲିମେଳା,୬।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ଶନିବାର ରାଜ୍ୟ ପରିବହନ ବିଭାଗର ଅଲଟ୍ରା ବସ( ଓଡି ୧୦ ସି ୪୨୨୬) ବାଲିମେଳା ସହରର ନୂତନ ବସ୍‌ଷ୍ଟାଣ୍ଡଠାରୁ ସକାଳ ୫ ଟାରେ ବାହାରି ୫ କିଲୋମିଟର ଦୂର ନୀଳାଦ୍ରୀନଗର ଗ୍ରାମକୁ କେତେକ ଯାତ୍ରୀଙ୍କୁ ଆଣିବାକୁ ଯାଇଥିଲା। ସେଠାରେ ବସ୍ ପଛୁଆ ବୁଲାଇବା ସମୟରେ ପଛ ଭାଗ ଏକ ଗଛରେ ପିଟି ହୋଇଥିଲା। ଫଳରେ ବସ୍‌ର ପଛ ଭାଗ କାଚ ଭାଙ୍ଗିବା ସହ ଥିବା ଲୁହା ସିଡ଼ି ବଙ୍କା ହୋଇ ଯାଇଥିଲା। ଏହା ପରେ ମଧ ବସ ଚାଳକ ନିଶାସକ୍ତ ଅବସ୍ଥାରେ ଗାଡିଟିକୁ ଚଳାଇ ଯାତ୍ରୀଙ୍କୁ ନେଇ ଜୟପୁର ଅଭିମୁଖେ ଯାତ୍ରା କରିବା ସମୟରେ ଓରକେଲ ଥାନା ସମ୍ମୁଖରେ ଥିବା ପୋଲିସ ବ୍ୟାରିକେଟ କୁ ପୁନର୍ବାର ସାମ୍ନା ପଟୁ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ବସ୍‌ରେ ଥିବା ପ୍ରାୟ ୨୫ ରୁ ଊର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। କଣ୍ଡକ୍ଟର ଜ୍ୟୋତି ରଞ୍ଜନ ମହାନ୍ତି ସଙ୍ଗେ ସଙ୍ଗେ ନିଶାସକ୍ତ ଅବସ୍ଥାରେ ଚଳାଉଥିବା ଡ୍ରାଇଭରଙ୍କୁ ଗାଡି ଚଳାଇବାକୁ ବାରଣ କରିଥିଲେ। ଫଳରେ ଥାନା ସମ୍ମୁଖରେ ଉକ୍ତ ବସ୍‌ଟି ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକି ରହିଥିଲା। ସୂଚନା ପାଇ ବାଲିମେଳା ବେସରକାରୀ ବସ୍ ମାଲିକ ସଂଘ ସଭାପତି ଆଦିତ୍ୟ ମହାନ୍ତି ପହଞ୍ଚି ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ପଠାଇବା ସହ ନିଶାସକ୍ତ ଡ୍ରାଇଭର ଏବଂ ଉକ୍ତ ଗାଡିକୁ ବସ୍‌ଷ୍ଟାଣ୍ଡକୁ ନେଇ ଘଟଣା ସମ୍ପର୍କରେ ଜୟପୁର ଡିଟିଏମ୍ ଶ୍ରୀନିବାସ ପାଣିଗ୍ରାହୀଙ୍କୁ ଜଣାଇଥିଲେ।

ଏ ସମ୍ପର୍କରେ ଡିଟିଏମ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଥିବା କହିବା ସହ ନିଶାସକ୍ତ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

### ଚାଳକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଡିଟିଏମ୍



ଦୁର୍ଘଟଣାଗ୍ରସ୍ତ ବସ୍ ।

## ବିଷମ କଟକରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ବିଷମ କଟକ, ୬।୪(ବିଭୂତି ଭୂଷଣ ନାୟକ)

ସାଧାରଣ ନିର୍ବାଚନ ପାଇଁ ଦେଶ ତଥା ଓଡ଼ିଶାରେ ଲାଗୁ ହୋଇଛି ନିର୍ବାଚନ ଆଚରଣ ବିଧି। ସହରାଞ୍ଚଳରେ ଏହାକୁ କେତେକାଂଶରେ ପାଳନ କରାଯାଉଥିବା ବେଳେ ଗ୍ରାମାଞ୍ଚଳରେ ଏହାର ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ ଆଚରଣ ବିଧି ଲାଗୁ ପରେ କୌଣସି ରାଜନୈତିକ ଦଳର ପ୍ରଚାରମୂଳକ ଫଟୋ ଓ ହୋର୍ଡିଂ ରହିବ ନାହିଁ।

ଆଦର୍ଶ ଆଚରଣ ବିଧି ଲାଗୁ ହେଲା ପରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ସମସ୍ତ ହୋର୍ଡିଂରେ ଫଟୋ ଓ ଦଳୀୟ ଚିହ୍ନ ଲିଭାଯାଇଛି। ଏହି କାର୍ଯ୍ୟ କଡାକଡି ଭାବେ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଶାସନକୁ ଚିଠି କରିଛନ୍ତି। ବ୍ଲକ ସ୍ତରରେ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଏହି କାର୍ଯ୍ୟ ସମ୍ପାଦିତ କରିଥିଲେ। ଏବଂ ବିଡ଼ିଓ ଏହାର ତଦାରଖ କରିଥିଲେ। ତେବେ ଏବେ ସୁଦ୍ଧା ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଅନେକ ହୋର୍ଡ଼ିଂ ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଓ କନ୍ଧମାଳ ଫୁଲବାଣୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଓ ବିଷମ କଟକରୁ ରାୟଗଡ଼ା ମୁଖ୍ୟ ରାସ୍ତା କଡ଼ରେ ରହିଥିବା ଦେଖିବାକୁ ମିଳୁଛି। ବିଷମ କଟକର ଅନେକ ପଞ୍ଚାୟତରେ ମଧ ରହିଥିବା ହୋର୍ଡିଂ କଢ଼ାଯାଇନାହିଁ। ଏହା କିପରି ଏପର୍ଯ୍ୟନ୍ତ ପ୍ରଶାସନ ଦୃଷ୍ଟିକୁ ଆସିନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବିଡିଓ ସଦାଶିବ ନାୟକଙ୍କୁ ପଚାରିବାରୁ ସେ କହିଲେ ଆମ ନଜରରେ ଥିବା ସମସ୍ତ ଗ୍ରାମାଞ୍ଚଳ ହେଉ କି ବିଷମକଟକ ସହର ହେଉ ଏସବୁ ସ୍ଥାନରେ ଥିବା ସମସ୍ତ ହୋର୍ଡିଂ, ପୋଷ୍ଟର କଢ଼ାଯାଇଛି। କେତେକ ସ୍ଥାନରେ ଘୋଡାଇ ରଖାଯାଇଛି। ଯେଉଁ ସ୍ଥାନରେ ଆମ ନଜରକୁ ଆସିନାହିଁ ତାକୁ ଆମେ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀଙ୍କୁ କହି କାଢିଦେବୁ ବୋଲି ବିଡିଓ ନାୟକ କହିଥିଲେ।



କାନ୍ଥରେ ମରାଯାଇଥିବା ପୋଷ୍ଟର ।

## ରାଜ୍ୟ ବିଜେଡି ଚିଠିକୁ ନେଇ ଚର୍ଚ୍ଚା

ଗୁଣପୁର,୬।୪(ପ୍ରଦୀପ କୁମାର ପାଢୀ)

### ବିଜେଡି ରାଜନୀତି ଚଳଚଞ୍ଚଳ, ଗୁଣପୁର ଦାୟିତ୍ୱ କାହାର

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ଗଡ ହୋଇ ରହିଛି। ଜିଲା ସଭାପତି ତଥା ଜିଲା ତୁଙ୍ଗ ନେତା ଏନ୍. ଭାସ୍କର ରାଓ, ସୁଧୀର ଦାସଙ୍କ ସମେତ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ସମନ୍ୱୟ ପାଇଁ ଦଳ ଗୋଟିଏ ପରେ ଗୋଟିଏ ନିର୍ବାଚନରେ ବାଜିମାତ କରି ଚାଲିଥିଲା। ହେଲେ ଗତ କିଛି ବର୍ଷ ହେବ ଏମାନଙ୍କ ମଧ୍ୟରେ ଫାଟ ଦଳକୁ ମହଙ୍ଗା ପଡିଛି। ଗତ ବ୍ଲକ ଏବଂ ପୌର ପରିଷଦ ନିର୍ବାଚନରେ ଗୁଣପୁର ସ୍ୱାଧୀନ ହାତକୁ ଯାଇଥିବାବେଳେ ଦୁଇଟି ଜିଲା ପରିଷଦ କଂଗ୍ରେସ ହାତକୁ ଯାଇଛି। ୩ ଜଣଙ୍କ ମଧ୍ୟରେ ମତାନ୍ତର ଦଳକୁ ମହଙ୍ଗା ପଡ଼ିବା ସହ ଦଳୀୟ କର୍ମୀ ଏବଂ ନେତାଙ୍କୁ ଅଣ ନିଶ୍ୱାସି ହେବାକୁ ପଡିଥିଲା। ଏହି ଘଟଣା ମଧ୍ୟରେ ବର୍ତ୍ତମାନ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାବେଳେ ଏନ୍.ଭାସ୍କର ରାଓ ଏବଂ ସୁଧିର ଦାସଙ୍କ ମଧ୍ୟରେ ଥିବା ମତଭେଦ ତଥା ଦଳୀୟ କନ୍ଦଳ ଭୁବନେଶ୍ୱରରେ ପହଞ୍ଚି ଥିଲା। ରାଜ୍ୟ ଉପସଭାପତି ଥିବା ଏନ୍.ଭାସ୍କର ରାଓଙ୍କୁ ଜିଲା ସଭାପତି କରାଯାଇଥିବାବେଳେ ଜିଲା ସଭାପତି ଥିବା ସୁଧିର ଦାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ କରାଯାଇଛି। ଏଥିସହ ରାୟଗଡ଼ା ଜିଲାରେ ରହିଥିବା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ କିଏ କେଉଁଠାରେ ବୁଝିବେ ତାହା ମଧ ଦଳ ପକ୍ଷରୁ ପତ୍ରରେ ସ୍ପଷ୍ଟ କରାଯାଇଛି। ରାୟଗଡ଼ା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ କାଶୀପୁରର ବରିଷ୍ଠ ନେତା କୃଷ୍ଣ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିବାବେଳେ ବିଷମକଟକ ଦାୟିତ୍ୱ ସୁଧିର ଦାସଙ୍କୁ ଦିଆଯାଇଛି। ସୁଧିର ଦାସଙ୍କ ସୀମାକୁ ସଙ୍କୁଚିତ କରାଯାଇଛି। ତେବେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ କାହାକୁ ପ୍ରଦାନ କରାଯାଇଛି ତାହା ଏହି ପତ୍ରରେ ଉଲ୍ଲେଖ କରାଯାଇନାହିଁ। ଯାହାକୁ ନେଇ ଗୁଣପୁର ରାଜନୀତି ସରଗରମ ହେବାସହ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାର ରାୟଗଡ଼ା ଏବଂ ବିଷମକଟକ ନିର୍ବାଚନ ମଣ୍ଡଳୀ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିବାବେଳେ ଗୁଣପୁର ଦାୟିତ୍ୱ କାହାକୁ କାହିଁକି ପ୍ରଦାନ ହୋଇନାହିଁ ତାହା ରାଜନୀତିକୁ ରୋଚକ କରିଛି।

ସାଧାରଣ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ଦଳରେ ଆରମ୍ଭ ହୋଇଥିଲା ବିଦ୍ରୋହ। ରାୟଗଡ଼ାର ପ୍ରାର୍ଥୀଙ୍କୁ ବିରୋଧ କରି ଅନେକ ନେତା, କର୍ମୀ ଓ ଲୋକ ପ୍ରତିନିଧିମାନେ ଦଳରୁ ଇସ୍ତଫା ଦେଇଥିଲେ। ଯାହା ରାଜ୍ୟ ନେତୃତ୍ୱଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଥିଲା। ଦଳକୁ ନ ସଜାଡିଲେ ପରିଣାମ କ୍ଷତି ହେବା ଆଶଙ୍କା କରି ଦଳୀୟ ନେତୃତ୍ୱ ପ୍ୟାଚ ପକାଇବାକୁ ଚେଷ୍ଟା କରିଥିଲେ। ଗତ ନିର୍ବାଚନରେ ରାୟଗଡ଼ା ସ୍ୱାଧୀନ ବିଧାୟକଙ୍କ ହାତକୁ ଚାଲିଯାଇଥିବାବେଳେ କୋରାପୁଟ ଏମ୍‌ପି କଂଗ୍ରେସ କବଜାକୁ ଯାଇଥିଲା। ଚଳିତ ନିର୍ବାଚନ ପାଇଁ ଦଳୀୟ ନେତୃବୃନ୍ଦ କୌଣସି ରିସ୍କ ନେବାକୁ ଚାହିଁ ନ ଥିଲେ। ତେଣୁ ଏହି ବିରୋଧ ପରେ ଜିଲାର ଦଳୀୟ ସଂଗଠନରେ ପରିବର୍ତ୍ତନ କରାଯାଇଥିଲା। ଅନ୍ୟ ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ସ୍ପଷ୍ଟ ଭାବରେ ୫ ତାରିଖ ଚିଠିରେ ଉଲ୍ଲେଖ ହୋଇଛି। ଗୁଣପୁର ଦାୟିତ୍ୱ କାହିଁକି କାହାରିକୁ ଦିଆଯାଇନି ତାହା ବିଜେଡି ସହ ଗୁଣପୁର ରାଜନୀତି ପାଣିପାଗକୁ ସରଗରମ କରିଛି। ଗୁଣପୁର କାହା ନେତୃତ୍ୱରେ ନିର୍ବାଚନ ଲଢ଼ିବ ଏବଂ କିଏ ଏହାର ମଙ୍ଗ ଧରିବ ତାହା କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି। ରାଜ୍ୟ ନେତୃବୃନ୍ଦଙ୍କ ଏପରି ଚିଠିର ଉଦ୍ଦେଶ୍ୟ କଣ ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

## ସଂକ୍ଷେପରେ

### ଇସ୍ତଫା ଦେଲେ ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି

ଉମରକୋଟ, ୬।୪(ସନ୍ତୋଷ ଶତପଥୀ)



ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି ସୁରେଶ ବେହେରା ଶନିବାର ଦଳର ପ୍ରାଥମିକତା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସୁରେଶ ବେହେରା ତାଙ୍କ ଇସ୍ତଫା ପତ୍ର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝିଙ୍କ ନିକଟକୁ ପ୍ରେରଣ କରିଛନ୍ତି। ସେ ୧୯୯୨ ରାଜନୀତିରେ ସକ୍ରୀୟ ଅଛନ୍ତି। ସୁରେଶ ଦଳରେ ବିଭିନ୍ନ ପଦବୀରେ ରହିବା ସହ ଏବେ ନବରଙ୍ଗପୁର ଜିଲା କଂଗ୍ରେସ ଉପସଭାପତି ଥିଲେ। ବର୍ତ୍ତମାନ ସେ ଅନ୍ୟ କୌଣସି ଦଳରେ ଯୋଗ ଦେଉ ନାହାନ୍ତି ବୋଲି ସୁରେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### କ.ନୂଆଗାଁରେ ଅଷ୍ଟଶମ୍ଭୁ ମହାମିଳନ

କ.ନୂଆଗାଁ,୬।୪(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ନୂଆଗାଁ ବଜାରରେ ପଞ୍ଚୁଦଣ୍ଡ ପରିଚାଳନା କମିଟି ପକ୍ଷରୁ ଅଷ୍ଟଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଣ୍ଡନାଚ କିଲୁପଡ଼ା, ଲେଡିଙ୍ଗିଆ, ଦାଉଙ୍ଗିଆ, ମୋହନଗିରି, ଗୋଛାପଡ଼ା, କରଣ୍ଡାଗଡ, ନୂଆପଡ଼ା, ସିଟୁପଡ଼ି ଦଳକୁ ପ୍ରଥମେ ବରଣ କରାଯାଇଥିଲା। ଅପରାହ୍ନରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଧୂଳିଦଣ୍ଡ, ନଦୀକୂଳରେ ପାଣିଦଣ୍ଡ କରାଯାଇ ବଜାରରେ ଅଷ୍ଟଶମ୍ଭୁ ମହାମିଳନ ହୋଇଥିଲା। ଜନ ଗହଳି ଦୃଷ୍ଟିରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ରଜନୀ କାନ୍ତ ସାହୁ, ସମ୍ପାଦକ ଆଲୋକ କୁମାର ଦୋରା, କୋଷାଧ୍ୟକ୍ଷ ସୁଶିଳ କୁମାର ପାତ୍ର, ପଣ୍ଡିତ କୁମାର ବିଶୀମାଝି, କାର୍ତ୍ତିକ କୁମାର ପ୍ରଧାନ, କଳରାମ ବିଷିମାଝି, ଚନ୍ଦନ କୁମାର ପଣ୍ଡା, ଶରତ କୁମାର ବିସିମାଝିଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ମଝି ରାସ୍ତାରେ ଭାସୁଛି ଅଳିଆ ଆବର୍ଜନା

ନୂଆଗଡ,୬।୪(ଯୋଗ୍ୟବନ୍ତ ପରିଛା):

ନୂଆଗଡ ବ୍ଲକ ଅନ୍ତର୍ଗତ ଖ-ଝାଲରସିଂ ଗ୍ରାମରେ କାଳବୈଶାଖୀ ବର୍ଷାରେ ଡ୍ରେନର ଚେକଡ୍ୟାମ ଭାଙ୍ଗି ମଝିରାସ୍ତାରେ ଦୁର୍ଗନ୍ଧ ପାଣି ଏବଂ ଅଳିଆ ଆବର୍ଜନା ରାସ୍ତାରେ ଭାସୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ପ୍ରଶାସନଙ୍କୁ ଜଣାଇବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉନାହିଁ। ଫଳରେ ଗ୍ରାମବାସୀ ବ୍ଲକରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଗଜପତି ନଗର ଅଞ୍ଚଳର ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ସେ ହେଲେ ଗଜପତି ନଗର ୧୦ମ ଲାଇନର କିଶୋର ଚନ୍ଦ୍ର କରଙ୍କ ସ୍ତ୍ରୀ ଦିଗାମ୍ବରୀ ମହାପାତ୍ର (୩୪)। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରି ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ମୃତକଙ୍କ ମା’ ପରମଲକ୍ଷ୍ମୀ ମହାପାତ୍ରଙ୍କ ଅଭିଯୋଗକୁ ଆଧାର କରି ନଂ.୧୯୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗ, ଜଣେ ଗିରଫ

ବାଲିମେଳା,୬।୪(ଶିବଦତ୍ତ ସାହୁ)



ଗିରଫ ଇ.ଲକ୍ଷ୍ମଣ ।

ମାଲକାନଗିରି ଜିଲା ଓରକେଲ ଥାନା ଅନ୍ତର୍ଗତ ଏମ୍‌ଭି-୧୦୯ ଗ୍ରାମରେ ଥିବା ଶ୍ୟାମଳି ବିଶ୍ୱାସଙ୍କ ଘରେ କିଛି ମାସ ପୂର୍ବେ ଆନ୍ଧ୍ରପ୍ରଦେଶ ଚିତ୍ତୋର ଜିଲା ଅଧିନ ରାମା ରାଓ କଲୋନୀର ଇ.ଲକ୍ଷ୍ମଣ(ବାଣ୍ଡି ଲକ୍ଷ୍ମଣ) ଭଡାରେ ରହି ଚାରା ବ୍ୟବସାୟ କରୁଥିଲେ। କିଛିଦିନ ପୂର୍ବେ ଶ୍ୟାମଳି ସ୍ୱାମୀଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ସେହି ବାବଦକୁ ଶ୍ୟାମଳଙ୍କୁ ୪ ଲକ୍ଷ ଟଙ୍କା ସରକାରୀ ସହାୟତା ମିଳିଛି। ଏହାର ସୁଯୋଗ ନେଇ ଲକ୍ଷ୍ମଣ ଶ୍ୟାମଳିଙ୍କ ପୁଅକୁ ଗାଁରେ ଏକ ବଡ଼ ମୋବାଇଲ ଦୋକାନ କରାଇଦେବାକୁ କହିଥିଲେ। ତାଙ୍କର ତିରୁପତିରେ ଥିବା ଦୋକାନରୁ ମୋବାଇଲ ମଗାଇ ବ୍ୟବସାୟ କରାଇବେ ବୋଲି ଶ୍ୟାମଳିଙ୍କଠାରୁ ପର୍ଯ୍ୟାୟକ୍ରମେ ଲକ୍ଷାଧିକ ଟଙ୍କା ମାଗି ନେଇଥିଲେ। ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉକ୍ତ ବ୍ୟକ୍ତି ଜଣକ ନେବା ପରେ ହଠାତ ଦିନେ ସକାଳୁ ଫେରାର ହୋଇଯାଇଥିଲେ। ଏହାପରଠାରୁ ତାଙ୍କ ମୋବାଇଲ ଫୋନ ବନ୍ଦ ରହିଥିଲା। ଏନେଇ ଶ୍ୟାମଳି ୨୦।୧୨।୨୩ରେ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ। ନଂ. ୪୫୭/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲା। ବ୍ୟକ୍ତି ଜଣକ କୋରାପୁଟ ଅଭିମୁଖେ ସ୍କୁଟି ଯୋଗେ ଆସୁଥିବା ମୋବାଇଲ ଲୋକେସନ ଟ୍ରାକ୍ କରି ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଜିତ ସିଂ ବରୀହାଙ୍କ ନେତୃତ୍ୱରେ ଏକ ଟିମ୍ ପଟାଙ୍ଗି ଥାନା ଅନ୍ତର୍ଗତ ରୁକାଲି ଅଞ୍ଚଳରୁ ଲକ୍ଷ୍ମଣଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ମୋବାଇଲ ଏବଂ ସ୍କୁଟି ଜବତପରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ







ଆତ୍ମସମର୍ପଣ କରିଥିବା ୫ ମାଓବାଦୀ ।

ମାଲକାନଗିରି, ୬।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୫ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି।

ସେମାନଙ୍କ ମଧ୍ୟରୁ ୨ ଜଣ କଲମୁ ପ୍ରକାଶ ଦକ୍ଷିଣବସ୍ତର ଡିଭିଜନ ଭାରପ୍ରାପ୍ତ ମାଓବାଦୀ ଏବଂ ଅନ୍ୟ ଜଣେ ମହିଳା ମାଓବାଦୀ ପେଡକମ ରୀତା ଆତ୍ମ ସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଏହି ୨ଜଣଙ୍କ ମଧ୍ୟରୁ କଲମୁ ପ୍ରକାଶ ୨୦୦୭ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ । ୨୦୧୩ରେ ସିନେମପେଟା ଗ୍ରାମ ନିକଟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ସାମିଲ ଥିଲେ। ୨୦୧୬ରେ ବୁରୁପାଡ ଗ୍ରାମ ନିକଟ ଗୁଳି ବିନିମୟରେ ମଧ୍ୟ ସାମିଲ ଥିଲେ। ସେହିପରି ମହିଳା ମାଓବାଦୀ ପେଡକମ ରୀତା ମଧ୍ୟ ୨୦୧୦ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ।

ସେହିପରି ଅନ୍ୟ ଏକ ଘଟଣାରେ ୩ ମାଓବାଦୀ ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୩ ଜଣ ହେଲେ ମାଡବି ଜଗରୁ ଓରଫ ଜଗଦୀଶ,ମାଡବି ଦେବା ଓ କଟମ ଗଙ୍ଗା । ଜଗଦୀଶଙ୍କ ନାମରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ଏମାନେ କହିଛନ୍ତି, ଜିଲାରେ ଚାଲିଥିବା ମାଓବାଦୀ ଦମନ କାର୍ଯ୍ୟକ୍ରମ ଓ ବିଭିନ୍ନ ସ୍ଥାନରେ ପୋଲିସ କ୍ୟାମ୍ପ ପ୍ରତିଷ୍ଠା ସହ ଛତିଶଗଡ଼ରେ ବର୍ତ୍ତମାନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଜୋର୍‌ଦାର ଚାଲିଛି। ଏଥିରେ ପ୍ରଭାବିତ ହୋଇ ସମସ୍ତେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ୫ ଜଣ ଆତ୍ମ ସମର୍ପଣ କରିଥିବା ସୁକ୍‌ମା ପୋଲିସ ଅଧୀକ୍ଷକ କ୍ରିଷ୍ଣ ଚୌହାନ ସୂଚନା ଦେଇଛନ୍ତି।

# ଓଡ଼ିଶା ସ୍ୱତନ୍ତ୍ର ପୋଲିସ ସୁରକ୍ଷା ବାହିନୀର ଅନାଥ ପିଲାଙ୍କ ସହ ବନ୍ଧୁମିଳନ





ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅନାଥ ପିଲାଙ୍କ ସହ ପୋଲିସ ସୁରକ୍ଷା ବାହିନୀ କର୍ମକର୍ତ୍ତା ।

ମାଲକାନଗିରି, ୬।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଏମ୍‌ଭି ୩ ଗ୍ରାମ ଓଡିଶା ସ୍ୱତନ୍ତ୍ର ପୋଲିସ ସୁରକ୍ଷା ବାହିନୀ କ୍ୟାମ୍ପସ୍‌ରେ ଅନାଥ ଶିଶୁଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଭାରପ୍ରାପ୍ତ କମାଣ୍ଡାଣ୍ଟ ଶରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ରହୁଥିବା ୬୦ରୁ ଉର୍ଦ୍ଧ୍ୱ ଶିଶୁମାନଙ୍କ ଏକ ସ୍ୱତନ୍ତ୍ର ବସ୍ ଯୋଗେ କାର୍ଯ୍ୟସ୍ଥଳକୁ ନିଆଯାଇଥିଲା। ସେଠାରେ ଏସ୍‌ପି ନିତିଶ ବାଧ୍ୱାନୀ, ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଓ ସୋମନାଥ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଶବର, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, କମାଣ୍ଡାଣ୍ଟ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ କମାଣ୍ଡାଣ୍ଟ ବିମଲ ରାଉତ ଓ ଆର୍ତ୍ତତ୍ରାଣ ନାୟକଙ୍କ ସହ ପୋଲିସ ଓ ବିଏସ୍‌ଏଫର ପଦାଧିକାରୀ ଉପସ୍ଥିତ ରହି ଶିଶୁମାନଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ସୁନାଗରିକ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡାରେ ନିଜକୁ ନିୟୋଜିତ କରିବାକୁ ପଡିବ । ଜିଲାର ଉନ୍ନତି ଏବଂ ସମୃଦ୍ଧିରେ ଏହି ଶିଶୁମାନେ ଯେପରି ଆଗାମୀ ପିଢିର ଭୂମିକା ନିଭାଇବେ ସେଥିପ୍ରତି ସମସ୍ତ ଶିଶୁମାନେ ମାତୃଭକ୍ତି, ଦେଶଭକ୍ତିରେ ନିଜକୁ ସାମିଲ କରିବେ । ପରେ ପରେ ସୁରକ୍ଷା ବାହିନୀ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ସହ ସମସ୍ତ ପଦାଧିକାରୀ ଏକତ୍ରିତ ହୋଇ ବଡଖାନା ବନ୍ଧୁମିଳନରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ହାବିଲଦାର କାଶୀନାଥ ସରକାର ଏବଂ ଅନ୍ୟ ହାବିଲଦାର ଓ ଯବାନମାନେ ପରିଚାଳନା କରିଥିଲେ।

# ମାଥିଲିରେ କଲବଲ କଲାଣି ତାତି, ଜଳୁଛି ଜଙ୍ଗଲ





ଜଙ୍ଗଲରେ ଲାଗିଥିବା ନିଆଁ ।

ମାଥିଲି,୬।୪(ସୁବାଷ ଖୁଡୁପିଆ)

ଗତକିଛି ଦିନ ହେଲା ୪୨ ଡିଗ୍ରୀ ତଳକୁ ଖସୁନି ମାଲକାନଗିରି ଜିଲାର ପାରଦ। ଫଳରେ ପ୍ରବଳ ଗରମରେ ତଟଲା କଡ଼େଇରେ ଶିଝୁଛି ଜିଲା। ମାଥିଲିରେ କଲବଲ କଲାଣି ତାତି। ଗରମକୁ ନା ଦିନରେ ଘରୁ ବାହାରି ହେଉଛି ରାତିରେ ଶୋଇ ହେଉଛି। ନଦୀ ନାଳ ସବୁ ଶୁଖିଗଲାଣି। ପାଣି ପାଇଁ ଚାରିଆଡେ ହା ହା କାର ଦେଖାଦେଇଛି। ଏଥିରେ ପ୍ରଭାବିତ ହେଉଛନ୍ତି ବିଦ୍ୟାଳୟର ଛାତ୍ରୀଛାତ୍ର। ଆଗକୁ ବର୍ଷା ନ ହେଲେ ସ୍ଥିତି ଅସମ୍ଭାଳ ହୋଇପଡିବ। ୧୦ଟାପରେ ଲୋକେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛ। ତେଣୁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୦ଟା ପରେ ଲୋକେ ଜରୁରୀ କାମ ଥିଲେ ଘରୁ ଛତା ଏବଂ ପାଣି ବୋତଲ ଧରି ବାହାରୁଛନ୍ତି। ଜଙ୍ଗଲରେ ଲଗାଯାଇଥିବା ନିଆଁ ତାତିର ଉଷ୍ମତାକୁ ଦ୍ୱିଗୁଣିତ କରିଛି। ବନ ବିଭାଗ ଓ ଅଗ୍ନିଶମ ବିଭାଗ ଖବର ପାଇ ନିଆଁ ଲିଭାଉଥିବା ବେଳେ ଦୋଷୀ ଖସି ଯାଉଛନ୍ତ। ବିଦ୍ୟାଳୟର ଛାତ୍ରୀଛାତ୍ର ସକାଳୁ ସ୍କୁଲ ଯିବା ଓ ଢ଼ହ ଢ଼ହ ଖରାରେ ଘରକୁ ଫେରିବା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

### ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଯୋଗୋତ୍ସବ

ପାରଳାଖେମୁଣ୍ଡି, ୬।୪ (ଗିରିଧାରୀ ପରିଛା):

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏବଂ ମୋରାର୍ଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଯୋଗ, ଆୟୁଷ ମନ୍ତ୍ରଣାଳୟ ସହଯୋଗରେ ପାରଳାଖେମୁଣ୍ଡିରେ ଯୋଗୋତ୍ସବ ପାଳିତ ହୋଇଯାଇଛି। ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟାରାଣୀ ଗୌଡା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଫେସର ଅନୀତା ପାତ୍ର ଏବଂ ନିର୍ଦ୍ଦେଶକ (ପ୍ରଶାସନ) ଡକ୍ଟର ଦୁର୍ଗା ପ୍ରସାଦ ପାଢୀ, ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଂଯୋଜକ ପ୍ରଦୀପ କୁମାର ସାହୁ ଏବଂ ୫୦୦ ରୁ ଅଧିକ ଏହି ଉତ୍ସବରେ ଯୋଗଦେଇଥିଲେ। ଯୋଗର ବିକାଶ ତଥା ପ୍ରୋତ୍ସାହନ ଦିଗରେ ଯୋଗ କ୍ଷେତ୍ରରେ ଆଦର୍ଶ ଅବଦାନ ପାଇଁ ୪ଜଣ ଯୋଗଗୁରୁ ପ୍ରଫେସର ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରଫେସର ବାଲାଜୀ ପାଢୀ, ପ୍ରଫେସର ଜୟେନ୍ଦ୍ର କୁମାର ମିଶ୍ର ଏବଂ ପ୍ରଫେସର ପ୍ରଦୀପ କୁମାର ସାହୁଙ୍କୁ ଯୋଗବୃନ୍ଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୋରଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଯୋଗର ପୂର୍ବତନ ନିର୍ଦ୍ଦେଶକ ଡ. ଈଶ୍ୱର ଭି. ବାସଭାରାଡି, ପ୍ରଫେସର ଡ. ସ୍ୱୟମ ପ୍ରଭାସ ଶତପଥୀ ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସ୍ଥାପତ୍ୟ ବିଦ୍ୟାଳୟର ସହକାରୀ ପ୍ରଫେସର ଏ.ଆର ରୁପାଲ ଶାହା, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

### ବିଜେଡି ଗୋଷ୍ଠୀ କନ୍ଦଳର ସମାଧାନ: କର୍ମୀ ଆଶ୍ୱସ୍ତ

ଆସିକା,୬।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳର ସମାଧାନ ହୋଇଛି । ଶୁକ୍ରବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବରିଷ୍ଠ ନେତା ମାନସ ମଙ୍ଗରାଜ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହୋଇଛି। ଉଭୟ ପକ୍ଷ ପରସ୍ପର ମଧ୍ୟରେ ରହିଥିବା ବାଦବିବାଦକୁ ଭୁଲି ଦଳୀୟ ମର୍ଯ୍ୟାଦା ଓ ଶୃଙ୍ଖଳା ରକ୍ଷା ସହ ନବୀନ ବାବୁଙ୍କୁ ଷଷ୍ଠ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀର ଆସନରେ ବସାଇବା ଲାଗି ସଂକଳ୍ପ ନେଇଛନ୍ତି। ଏହି ଆଲୋଚନାରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଭଗବାନ ସାହୁ, ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଟୁଟୁ ମଳିକ ପ୍ରମୁଖ ସାମିଲ ଥିଲେ।

# ବିଦେଶୀ ମଦ ଜବତ, ଜଣେ ଗିରଫ

ବାଲିମେଳା, ୬।୪ (ଶିବଦତ୍ତ ସାହୁ)





ଜବତ ମଦ ସହ ଗିରଫ ଅଭିଯୁକ୍ତ ।

ବିଦେଶୀ ମଦ ଚୋରା ଚାଲାଣ ବେଳେ ଧରିଲା ଓରକେଲ ପୋଲିସ। ଶନିବାର ମାଲକାନଗିରି ଜିଲା ଓରକେଲ ଥାନା ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଏକ ଢ଼ାବା ନିକଟରେ ସକାଳେ ପୋଲିସର ଚେକିଂ ସମୟରେ ଏମ୍‌ଭି-୭୯ ଅଞ୍ଚଳର ସୁକଦେଵ ଖିଲ ବାଇକ୍ ଯୋଗେ କିଛି ପେଟି ବୋହି ନେଉଥିଲେ। ଏହା ଦେଖି ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ ସମୟରେ ବିଦେଶୀ ମଦ ଥିବା ଜଣାପଡିଥିଲା। ପରେ ବିଦେଶୀ ମଦ ଓ ବାଇକ୍ ଜବତ କରି ଚୋରା ଚାଲାଣକାରୀ ସୁକଦେଙ୍କୁ ଗିରଫ କରି ଓରକେଲ ଥାନାକୁ ନିଆଯାଇଥିଲା। ସେଠାରେ ୧୬.୬୨ ଲିଟର ବିଦେଶୀ ମଦ ଥିବା ଜଣାପଡିଥିଲା। ଜବତ ବିଦେଶୀ ମଦ ବାଲିମେଳା ସହରରୁ ବାଲିମେଳା ଛକ ନିକଟକୁ ଚୋରା ଚାଲାଣ ହେଉଥିବା ପୋଲିସ କହିଛି। ପରେ ଅଭିଯୁକ୍ତ ସୁକଦେଙ୍କୁ ଗିରଫ କରି ମାମଲା ନଂ.୧୫୩/୨୪ ରୁଜୁ ପରେ କୋର୍ଟ ଚାଲାଣ କରାଯାଇଥିବା ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜଳୁଛି ଗଡିପୁଟ ଜଙ୍ଗଲ

ତେନ୍ତୁଳିଖୁଣ୍ଟି, ୬।୪(ଚିଦାନନ୍ଦ ସାହୁ)

- ନିଆଁ ଲାଗି ମୂଲ୍ୟବାନ ଗଛ ନଷ୍ଟ
- ବନ୍ୟଜନ୍ତୁ ଗାଁ ମୁହାଁ ହେବା ଆଶାଙ୍କା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗଡିପୁଟ ଜଙ୍ଗଲରେ ନିଆଁ ଲାଗିଛି। ସମୟ ଗଡ଼ିବା ସହ ନିଆଁ ର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ବନ କର୍ମଚାରୀଙ୍କ ଦେଖା ନଥିବାରୁ ଜୀବଜନ୍ତୁଙ୍କ ଜୀବନ ଯାଉଥିବାବେଳେ ମୂଲ୍ୟବାନ ବୃକ୍ଷ ଗୁଡିକ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। କେବଳ ଗଡିପୁଟ ନୁହଁ ବେଜୁଗୁଡା ନିକଟସ୍ଥ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଏହି ନିଆଁ ଦିନକୁ ଦିନ ବଢୁଥିବା ଅଞ୍ଚଳବାସୀ କହିଛନ୍ତି। ଜଙ୍ଗଲ ନିଆଁ ଲିଭାଇବା ଦିଗରେ ବନବିଭାଗ କାହିଁକି ନିଆଁ ଲିଭାଉନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ନିଆଁ ଲାଗିବା ଫଳରେ ଜଙ୍ଗଲି ଜୀବଜନ୍ତୁ ଗାଁ ମୁହାଁ ହୋଇପାରନ୍ତି ବୋଲି ଆଶଙ୍କା କରିବା ସହ ନିଆଁ ଆୟତ କରିବା ପାଇଁ କୌଣସି ପ୍ରୟାସ ହେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିଆଁ ଲାଗିବା କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏ ନେଇ ତେନ୍ତୁଳିଖୁଣ୍ଟି ଫରେଷ୍ଟର ରିତେଶ ସୁନାଙ୍କୁ ପଚାରିବାରୁ ଜଙ୍ଗଲରେ ନିଆଁ ଲାଗିବା ସମ୍ପର୍କରେ ଜାଣିବା ମାତ୍ରେ ତାହାକୁ ଲିଭାଯାଉଛି। ଗଡିପୁଟ ଜଙ୍ଗଲ ନିଆଁ ଲିଭାଇବା ପାଇଁ ମଧ୍ୟ ଟିମ୍ ପଠାଯାଇଛି ବୋଲି ସେ କହିଛନ୍ତି।

# ନିଶାସକ୍ତ ଡ୍ରାଇଭର ଚଳାଇଲେ ସରକାରୀ ବସ୍, ୨ ସ୍ଥାନରେ ଦୁର୍ଘଟଣା

ବାଲିମେଳା,୬।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ଶନିବାର ରାଜ୍ୟ ପରିବହନ ବିଭାଗର ଅଲଟ୍ରା ବସ( ଓଡି ୧୦ ସି ୪୨୨୬) ବାଲିମେଳା ସହରର ନୂତନ ବସ୍‌ଷ୍ଟାଣ୍ଡଠାରୁ ସକାଳ ୫ ଟାରେ ବାହାରି ୫ କିଲୋମିଟର ଦୂର ନୀଳାଦ୍ରୀନଗର ଗ୍ରାମକୁ କେତେକ ଯାତ୍ରୀଙ୍କୁ ଆଣିବାକୁ ଯାଇଥିଲା। ସେଠାରେ ବସ୍ ପଛୁଆ ବୁଲାଇବା ସମୟରେ ପଛ ଭାଗ ଏକ ଗଛରେ ପିଟି ହୋଇଥିଲା। ଫଳରେ ବସ୍‌ର ପଛ ଭାଗ କାଚ ଭାଙ୍ଗିବା ସହ ଥିବା ଲୁହା ସିଡ଼ି ବଙ୍କା ହୋଇ ଯାଇଥିଲା। ଏହା ପରେ ମଧ୍ୟ ବସ ଚାଳକ ନିଶାସକ୍ତ ଅବସ୍ଥାରେ ଗାଡିଟିକୁ ଚଳାଇ ଯାତ୍ରୀ ଙ୍କୁ ନେଇ ଜୟପୁର ଅଭିମୁଖେ ଯାତ୍ରା କରିବା ସମୟରେ ଓରକେଲ ଥାନା ସମ୍ମୁଖରେ ଥିବା ପୋଲିସ ବ୍ୟାରିକେଟ କୁ ପୁନର୍ବାର ସାମ୍ନା ପଟୁ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ବସ୍‌ରେ ଥିବା ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। କଣ୍ଡକ୍ଟର ଜ୍ୟୋତି ରଞ୍ଜନ ମହାନ୍ତି ସଙ୍ଗେ ସଙ୍ଗେ





ଦୁର୍ଘଟଣାଗ୍ରସ୍ତ ବସ୍ ।

### ଚାଳକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଡିଟିଏମ୍

ନିଶାସକ୍ତ ଅବସ୍ଥାରେ ଚଳାଉଥିବା ଡ୍ରାଇଭରଙ୍କୁ ଗାଡି ଚଳାଇବାକୁ ବାରଣ କରିଥିଲେ। ଫଳରେ ଥାନା ସମ୍ମୁଖରେ ଉକ୍ତ ବସ୍‌ଟି ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକି ରହିଥିଲା। ସୂଚନା ପାଇ ବାଲିମେଳା ବେସରକାରୀ ବସ୍ ମାଲିକ ସଂଘ ସଭାପତି ଆଦିତ୍ୟ ମହାନ୍ତି ପହଞ୍ଚି ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ପଠାଇବା ସହ ନିଶାସକ୍ତ ଡ୍ରାଇଭର ଏବଂ ଉକ୍ତ ଗାଡିକୁ ବସ୍‌ଷ୍ଟାଣ୍ଡକୁ ନେଇ ଘଟଣା ସମ୍ପର୍କରେ ଜୟପୁର ଡିଟିଏମ୍ ଶ୍ରୀନିବାସ ପାଣିଗ୍ରାହୀଙ୍କୁ ଜଣାଇଥିଲେ।

ଏ ସମ୍ପର୍କରେ ଡିଟିଏମ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଥିବା କହିବା ସହ ନିଶାସକ୍ତ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ

ମାଲକାନଗିରି, ୬।୪(ଦୁର୍ଯ୍ୟୋଧନ ପାତ୍ର)



ଦଳୀୟ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ନିର୍ବାଚନ ଏବଂ ପ୍ରାର୍ଥୀପତ୍ର ଦାଖଲ ସମୟ ପାଖେଇ ଆସୁଥିବା ବେଳେ ମାଲକାନଗିରି ନିର୍ବାଚନମଣ୍ଡଳୀର ଦଳୀୟ ବିଧାୟକ ପ୍ରାର୍ଥୀ ମାନସ ମାଡକାମି ଏବଂ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଶତାଧିକ କର୍ମୀ, କର୍ମକର୍ତ୍ତାଙ୍କ ଗହଣରେ ଏକ ବାଇକ୍ ରାଲି ଓ ରୋଡ୍ ଶୋ କରିଥିଲେ। ଗତ ୧ ସପ୍ତାହ ଧରି ନବରଙ୍ଗପୁର ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି ମାଲକାନଗିରି ଜିଲାରେ ନିଜର ଦଳୀୟ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ନେଇ ବିଭିନ୍ନ ଅଞ୍ଚଳରେ ସଭାସମିତି ଓ ମିଶ୍ରଣ ପର୍ବ କରି ନବରଙ୍ଗପୁର ଫେରିଯାଇଥିଲା ବେଳେ ବିଜେଡି ପ୍ରାର୍ଥୀ ମାଝି ଶନିବାର ପ୍ରଥମ ଥର କରି ମାଲକାନଗିରି ଗସ୍ତରେ ଆସିଛନ୍ତି। ଭୈରବ ମନ୍ଦିରଠାରେ ଶତାଧିକ କର୍ମକର୍ତ୍ତା ଏବଂ କର୍ମୀ ମାଝି ଓ ବିଧାୟକ ପ୍ରାର୍ଥୀ ମାଡକାମିଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ରାଲିରେ ସହର ପରିକ୍ରମା କରିଥିଲେ । ମାଝି କହିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଯୋଜନାର ଶୁଭାରମ୍ଭ ମାଲକାନଗିରି ଜିଲାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ପ୍ରଗତିକୁ ଆଗେଇ ନେଇଛନ୍ତି। ଜିଲାର ଚିତ୍ର ବଦଳି ଯାଇଛି। ଆଉ ଯେଉଁ କାର୍ଯ୍ୟ ବାକି ରହିଛି ତାହା ନିଶ୍ଚିତ ପୂରଣ କରାଯିବା ସହ ରାଜ୍ୟରେ ମାଲକାନଗିରି ଜିଲାକୁ ୧ ନମ୍ବର କରିବା ପାଇଁ ସେ ତାଙ୍କର ପ୍ରଚେଷ୍ଟା ଜାରି ରଖିବେ। ବିଧାୟକ ପ୍ରାର୍ଥୀ ମାଡକାମି ଅନୁରୂପ କଥା କହି ବିଜୁ ଜନତା ଦଳ ପୁନର୍ବାର କ୍ଷମତାକୁ ଆସିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ବରିଷ୍ଠ ବିଜେଡି ନେତା ପ୍ରଭାକର ପ୍ରଧାନ, ଗୋପାଳକୃଷ୍ଣ ପଣ୍ଡା, ଲମ୍ବୋଦର ତୁରୁକ ଓ ପେଣ୍ଡ୍ରାପ୍ରସାଦ ପଣ୍ଡାଙ୍କ ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

